# NATIONAL NEWS BULLETIN (ODIA)

**2 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ରଖିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ସଂସଦ ମଧ୍ୟରେ ଗଣତନ୍ତ୍ରର ସିଦ୍ଧାନ୍ତକୁ ଅନୁପାଳନ କରିବା ପ୍ରତ୍ୟେକ ସାଂସଦଙ୍କ କର୍ତ୍ତବ୍ୟ - କହିଲେ ପ୍ରଧାନମନ୍ତ୍ରୀ ।

- ପଞ୍ଚମ ପର୍ଯ୍ୟାୟରେ ପବିତ୍ର ଅମରନାଥ ଗୁମ୍ଫାକୁ ଯାତ୍ରା ଆରମ୍ଭ କଲେ ୬ହଜାରରୁ ଅଧିକ ଶ୍ରଦ୍ଧାଳୁ ।

- ଦେଶର ସମସ୍ତ ଅଞ୍ଚଳରେ ମୌସୁମୀବାୟୁ ସକ୍ରିୟ, ଅନେକ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ।

ଏବଂ

- ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳା ପାଇଁ ଜିମ୍ବାୱେ ଗସ୍ତ କରିବ ଭାରତୀୟ ଟିମ୍ ।

# ପାର୍ଲ୍ୟାମେଣ୍ଟ-ପିଏମ୍ ରିପ୍ଲାଏ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସଂଧ୍ୟାରେ ଲୋକସଭାରେ ଚାଲିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିବେ । ଆସନ୍ତାକାଲି ଏହିକ୍ରମରେ ପ୍ରଧାନମନ୍ତ୍ରୀ ରାଜ୍ୟସଭାରେ ମଧ୍ୟ ଜବାବ ରଖିବେ । ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଏନ୍‌ଡିଏ ସଂସଦୀୟ ଦଳର ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ସୂଚନା ଦେଇଛନ୍ତି । ଆଜି ସଂସଦର ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଜାରି ରହିଛି ।

ଲୋକସଭାରେ ସମାଜବାଦୀ ପାର୍ଟି ସାଂସଦ ଅଖିଳେଶ ଯାଦବ ଆଲୋଚନା ଆରମ୍ଭ କରି କହିଛନ୍ତି ଦେଶ ପଞ୍ଚମ ବୃହତ୍ ଅର୍ଥନୀତିରେ ପରିଣତ ହୋଇଥିଲେ ମଧ୍ୟ ମୁଣ୍ଡପିଛା ଆୟ କମ୍ ରହିଛି । ଶ୍ରୀ ଯାଦବ ନିଟ୍ ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିବା ସହ ସରକାର ଯୁବକମାନଙ୍କୁ ରୋଜଗାର ଯୋଗାଇ ଦେବାପାଇଁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ କରିଛନ୍ତି । ବିଜେପି ସାଂସଦ ସନ୍ତୋଷ ପାଣ୍ଡେ ଗତକାଲି ଲୋକସଭାରେ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ନେଇ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ସରକାର ଗତ ୧୦ବର୍ଷ ମଧ୍ୟରେ ଦେଶର ମୂଳଭୂତ ଢ଼ାଞ୍ଚା ନିର୍ମାଣ କ୍ଷେତ୍ରରେ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି ।

ରାଜ୍ୟସଭାରେ ମଧ୍ୟ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଜାରି ରହିଛି । ବିଜେପି ସାଂସଦ ଅଶୋକ ରାୟ ଚୌହ୍ୱାନ ଆଲୋଚନାରେ ଭାଗ ନେଇ କହିଛନ୍ତି ନିର୍ବାଚନ ସମୟରେ ବିଜେପି ସମ୍ବିଧାନ ବଦଳାଇ ଦେବବୋଲି ଏକ ଭୁଲ୍ ଧାରଣା ଲୋକମାନଙ୍କ ମନରେ ସୃଷ୍ଟି କରାଯାଇଥିଲା । ନିଟ୍ ଅନିୟମିତତା ସମ୍ପର୍କରେ ଶ୍ରୀ ଚୌହ୍ୱାନ କହିଛନ୍ତି ସରକାର ଦୋଷୀମାନଙ୍କୁ ଦଣ୍ଡ ଦେବାପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଏହି ଘଟଣାର ନିରପେକ୍ଷ ତଦନ୍ତ ହେଉଛି । ସେ କହିଛନ୍ତି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଗତ ୧୦ବର୍ଷ ମଧ୍ୟରେ ସରକାରଙ୍କ ସଫଳତା ଏବଂ ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରିଛନ୍ତି ।

## ଏନ୍‌ଡିଏ ମିଟିଂ

ଏନ୍‌ଡିଏର ସାଂସଦମାନଙ୍କୁ ସଂସଦର ସମସ୍ତ ନିୟମ ପାଳନ କରିବା ଏବଂ ସଂସଦୀୟ ଗଣତନ୍ତ୍ରରେ ଭଲ ବ୍ୟବହାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । କେନ୍ଦ୍ରରେ ନୂଆ ସରକାର ଗଠନ ପରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏନ୍‌ଡିଏ ସଂସଦୀୟ ଦଳର ପ୍ରଥମ ବୈଠକକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଗଣତନ୍ତ୍ରର ସିଦ୍ଧାନ୍ତକୁ ଅନୁପାଳନ କରି ପ୍ରତ୍ୟେକ ସାଂସଦ ଗୃହ ମଧ୍ୟରେ ବିବେକାନୁମୋଦିତ ବ୍ୟବହାର

ପ୍ରଦର୍ଶନ କରିବା ଆବଶ୍ୟକ । ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଗଣମାଧ୍ୟମକୁ କହିଛନ୍ତି, ସେ ଯେଉଁଦଳର ସାଂସଦ ହୁଅନ୍ତୁ ନା କାହିଁକି ରାଷ୍ଟ୍ରସେବା ପାଇଁ ନିର୍ବାଚିତ ହେବା ପରେ କେବଳ ରାଷ୍ଟ୍ରର ସେବା ହିଁ ମୂଳ ଦାୟିତ୍ୱ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ପ୍ରଧାନମନ୍ତ୍ରୀ ସାଂସଦମାନଙ୍କୁ ଜଳ, ପରିବେଶ ଏବଂ ସାମାଜିକ କ୍ଷେତ୍ର ଗୁଡ଼ିକ ବିଷୟରେ ଜ୍ଞାନ ହାସଲ କରିବା ଆବଶ୍ୟକ । ଶ୍ରୀ ମୋଦୀ ସାଂସଦମାନଙ୍କୁ ସେମାନଙ୍କ ପରିବାରବର୍ଗଙ୍କୁ ଆଣି ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟ ବୁଲାଇ ଦେଖାଇବା ପାଇଁ କହିଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଠାରୁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ, ସମସ୍ତଙ୍କ ରାଜନୈତିକ ଯାତ୍ରା ସମ୍ପର୍କରେ ସୁନ୍ଦରଭାବରେ ପ୍ରଦର୍ଶନ କରାଯାଇଛି । ଏହି ବୈଠକରେ ଉପସ୍ଥିତ ସମସ୍ତ ସାଂସଦ ତୃତୀୟଥର ଲାଗି ନିର୍ବାଚିତ ହୋଇଥିବାରୁ ଶ୍ରୀ ମୋଦୀଙ୍କୁ ସମ୍ମାନ ଜଣାଇଚନ୍ତି ।

## ଅମରନାଥ ଯାତ୍ରା

ପବିତ୍ର ଅମରନାଥ ଯାତ୍ରା ପାଇଁ ଆଜି ପଞ୍ଚମ ପର୍ଯ୍ୟାୟ ୬ହଜାର ୫ଶହ ୩୭ଜଣ ଶ୍ରଦ୍ଧାଳୁ ଯାତ୍ରା ଆରମ୍ଭ କରିଛନ୍ତି । ସେମାନେ ଜାମ୍ମୁର ଭଗବତୀ

ନଗର ଯାତ୍ରୀନିବାସ ମୂଳ ଶିବିରରୁ କାଶ୍ମୀର ଘାଟୀକୁ ଯାତ୍ରା ଆରମ୍ଭ କରିଥିବା ସୂଚନା ମିଳିଛି । ଆଜି ସକାଳୁ ୨୬୧ଟି ଦଳରେ ଶ୍ରଦ୍ଧାଳୁମାନେ ଯାତ୍ରା କରିଥିବାବେଳେ ସେମାନଙ୍କ ମଧ୍ୟରେ ୫ହଜାର ୯୧ଜଣ ପୁରୁଷ, ୧ହଜାର ୧୦୨ଜଣ ମହିଳା, ୧୯ଜଣ ଶିଶୁ, ୩୦୧ଜଣ ସାଧୁ ଓ ୨୪ଜଣ ସାଧ୍ୱୀ ଅଛନ୍ତି ।

## ମହା କାଉନ୍‌ସିଲ ରେଜଲ୍ଟସ

ମହାରାଷ୍ଟ୍ର ବିଧାନ ପରିଷଦର ୪ଟି ଆସନରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି । ମୁମ୍ବାଇ ଡିଭିଜନ ଗ୍ରାଜୁଏଟ୍‌ସ ନିର୍ବାଚନମଣ୍ଡଳୀରୁ ଶିବସେନା - ୟୁବିଟିର ପ୍ରାର୍ଥୀ ଜେଏମ୍ ଅଭୟଙ୍କର ପ୍ରଥମ ପସନ୍ଦରେ ୪ହଜାର ୮୩ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଥିବାବେଳେ ମୁମ୍ବାଇ ଡିଭିଜନ ଟିଚର୍ସ ଆସନରୁ ୪୪ହଜାର ୭୮୪ଟି ପ୍ରଥମ ପସନ୍ଦ ଭୋଟରେ ଶିବସେନା-ୟୁବିଟି ପ୍ରାର୍ଥୀ ଅନିଲ ପରବ ବିଜୟୀ ହୋଇଛନ୍ତି । ସେହିପରି କୋଙ୍କଣ ଡିଭିଜନ ଗ୍ରାଜୁଏଟ୍‌ସ ନିର୍ବାଚନମଣ୍ଡଳୀରୁ ଏକଲକ୍ଷ ୭୧୯ ଭୋଟ୍‌ରେ ବିଜେପିର ନିରଞ୍ଜନ ଡାବ୍‌ଖାରେଙ୍କୁ ବିଜୟୀ ଘୋଷିତ କରାଯାଇଥିବାବେଳେ ନାସିକ ଡିଭିଜନ ଟିଚର୍ସ ଆସନରୁ ୩୨ହଜାର ୩୦୯ ଭୋଟ୍‌ରେ ଶିବସେନାର କିଶୋର ଦରାଡେ ବିଜୟୀ ହୋଇଛନ୍ତି ।

ବିଧାନ ପରିଷଦର ଏହି ୪ ଆସନରେ ନିର୍ବାଚିତ ସଦସ୍ୟଙ୍କ ୬ ବର୍ଷିଆ କାର୍ଯ୍ୟକାଳ ଆସନ୍ତା ୭ ତାରିଖରେ ଶେଷ ହେଉଥିବାରୁ  ଏହି ନିର୍ବାଚନ କରାଯାଇଛି । ଗତ ଜୁନ୍ ୨୬ ତାରିଖରେ ଏହି ୪ ଆସନରେ ନିର୍ବାଚନ କରାଯାଇଥିବାବେଳେ ଗତକାଲି ଭୋଟ୍ ଗଣତି ହୋଇଥିଲା ।

## ମଙ୍ଗୋଲିଆ ପାର୍ଲ୍ୟାମେଣ୍ଟ

ମଙ୍ଗୋଲିଆ ସଂସଦକୁ ନବନିର୍ବାଚିତ ୧୨୬ ପ୍ରତିନିଧି ଆଜି ସଂସଦର ପ୍ରାରମ୍ଭିକ ଅଧିବେଶନରେ ଶପଥଗ୍ରହଣ କରିଛନ୍ତି । ସଂସଦର ବରିଷ୍ଠ ସଦସ୍ୟ ଡୁଗର ରେଗେଲ ଏହି ନବନିର୍ବାଚିତ ପ୍ରତିନିଧିମାନଙ୍କୁ ଶପଥପାଠ କରାଇଛନ୍ତି । ଗତମାସରେ ୧୨୬ ଆସନ ବିଶିଷ୍ଟ ମଙ୍ଗୋଲିଆ ସଂସଦର ନବମ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ଶାସକ ମଙ୍ଗୋଲିଆ ପିପୁଲ୍ସ ପାର୍ଟି ୬୮ ଆସନରେ ବିଜୟୀ ହୋଇଥିବାବେଳେ ବିରୋଧୀ ଡେମୋକ୍ରାଟିକ ପାର୍ଟି ୪୨ଟି ଆନରେ ବିଜୟଲାଭ କରିଛି ।

## ଦାଉଦୀ ଭୋରା–ବାଂଲାଦେଶ ପିଏମ୍

ଦାଉଦୀ ଭୋରା ସଂପ୍ରଦାୟର ୪ ଜଣିଆ ପ୍ରତିନିଧି ଦଳ ଗତକାଲି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ସାକ୍ଷାତ୍ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବାଂଲାଦେଶ ଭୋରା ସଂପ୍ରଦାୟର

ସଭାପତି କ୍ୱେଦ ଜୋହର ଉଜ୍ଜୟିନୀଓ୍ୱାଲାଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ଢ଼ାକାଠାରେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲେ । ସଂପ୍ରତି ସାରା ଦେଶରେ ଦାଉଦୀ ଭୋରା ସଂପ୍ରଦାୟର ଅନୁଗାମୀମାନେ ବସବାସ କରୁଥିବାବେଳେ ବାଂଲାଦେଶରେ ପ୍ରାୟ ୧୨ଶହ ଦାଉଦୀ ଭୋରା ରହୁଛନ୍ତି । ମୁଖ୍ୟତଃ ପୁରୁଣା ଢ଼ାକାର ଚିଟାଗଙ୍ଗ ଅଞ୍ଚଳରେ ଏହି ସଂପ୍ରଦାୟ ବସବାସ କରୁଛନ୍ତି ।

# ହୁରିକନ୍ ବେରିଲ୍

ହୁରିକେନ୍ ବେରିଲ୍ ଆଜି ଘନୀଭୂତ ହୋଇ ଭୟଙ୍କର ଝଡ଼ରେ ପରିଣତ ହୋଇଛି । ଆମେରିକାର ନ୍ୟାସନାଲ ହୁରିକେନ୍ ସେଣ୍ଟରର ସୂଚନା ଅନୁସାରେ ଗ୍ରେନେଡାର କାରିଆକୋ ଦ୍ୱୀପରେ ସ୍ଥଳଭାଗ ଛୁଇଁଥିବା ବେରିଲ ପ୍ରଭାବରେ ବହୁ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି । କାରିଆକୋ ଦ୍ୱୀପ ସନ୍ନିକଟ ଗ୍ରେନେଡା ସମେତ ସେଣ୍ଟ ଭିନ୍‌ସେଣ୍ଟ ଏବଂ ଗ୍ରେନେଡାଇଜ୍ ଅଞ୍ଚଳ ମଧ୍ୟ ଭୟଙ୍କର ତୋଫାନରେ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି । ତେବେ ଏହିସବୁ ଅଞ୍ଚଳରେ କୌଣସି ମୃତାହତଙ୍କ ସୂଚନା ମିଳିନାହିଁ । ୨୦ବର୍ଷ ତଳେ ଦକ୍ଷିଣପୂର୍ବ କାରାବିୟାନ ଅଞ୍ଚଳରେ ହୋଇଥିବା ହୁରିକେନ୍‌ରେ ଗ୍ରେନେଡାର ବହୁଲୋକ ମୃତାହତ ହୋଇଥିଲେ ।

# ଆସାମ-ଫ୍ଲଡ

ଆସାମରେ ବନ୍ୟା ପରିସ୍ଥିତି ଜଟିଳ ହୋଇଛି । ରାଜ୍ୟର ୧୯ଟି ଜିଲ୍ଲାରେ ୬ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବନ୍ୟାରେ ବିପନ୍ନ ହୋଇଛନ୍ତି । ଗତ ୨୪ଘଣ୍ଟା ମଧ୍ୟରେ ଟିନ୍‌ସୁକିଆ ଅଞ୍ଚଳରେ ଜଣଙ୍କର ମୃତ୍ୟୁ ହେବା ସହ ବନ୍ୟା ମୃତ୍ୟୁସଂଖ୍ୟା ୩୫ରେ ପହଞ୍ଚିଛି । ଗୋଲାଘାଟ ଅଞ୍ଚଳରେ ଜଣେ ବ୍ୟକ୍ତି ବନ୍ୟାସ୍ରୋତରେ ଭାସିଯାଇ ନିଖୋଜ ଥିବା ଜଣାପଡିଛି । ୬୪ଟି ରାଜସ୍ୱ ମଣ୍ଡଳ ଅଧୀନ ୧୨୭୫ଟି ଗ୍ରାମ ଏହି ବନ୍ୟାରେ ପ୍ରଭାବିତ ହୋଇଛି । ରାଜ୍ୟର ପ୍ରାୟ ୧୪ହଜାର ୭୦୦ ହେକ୍ଟର ଚାଷଜମି ବନ୍ୟାଜଳରେ କ୍ଷତିଗ୍ରସ୍ତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଏବେସୁଦ୍ଧା ରାଜ୍ୟରେ ପ୍ରବଳ ବର୍ଷା ଲାଗିରହିଛି । ଏଥିସହିତ ଅରୁଣାଚଳ ପ୍ରଦେଶର ଲୋୟର ସୁବର୍ଣ୍ଣଶିରି ନଦୀବନ୍ଧରୁ ନିଷ୍କାସିତ ହେଉଥିବା ଅତିରିକ୍ତ ବନ୍ୟାଜଳ ଆସାମରେ  ବନ୍ୟାସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଛି । ଆଜି ସକାଳେ ଦିବ୍ରୁଗଡ ଜିଲ୍ଲାର ହାତୀଆଲ୍ଲୀ ଚାର୍ ଅଞ୍ଚଳରୁ ୧୩ଜଣ ମତ୍ସ୍ୟଜୀବୀଙ୍କୁ ବାୟୁସେନାର ଜବାନମାନେ ହେଲିକପ୍ଟର ଦ୍ୱାରା ବନ୍ୟାଘେରରୁ ଉଦ୍ଧାର କରିଛନ୍ତି । ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ଆଜି ଅପରାହ୍ଣରେ ଗୋଲାଘାଟ ଜିଲ୍ଲା ଗସ୍ତକରି ବନ୍ୟାସ୍ଥିତି ସମୀକ୍ଷା କରିବେ । ବନ୍ୟା ପ୍ରପିଡୀତ ଜିଲ୍ଲା

ଗୁଡ଼ିକୁ ତୁରନ୍ତ ଗସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ବରିଷ୍ଠ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଆମ ଆକାଶବାଣୀ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ପାଣିପାଗ

ଦେଶର ସମସ୍ତ ଭାଗରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହୋଇଛି । ଏହାର ପ୍ରଭାବରେ ଅନେକଗୁଡ଼ିଏ ରାଜ୍ୟରେ ବର୍ଷା ଜାରିରହିଛି । ଚଳିତବର୍ଷ ମୌସୁମୀ ଋତୁରେ ଆବଶ୍ୟକତାଠାରୁ ଅଧିକ ବର୍ଷା ହେବା ନେଇ ପୂର୍ବରୁ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା । ତେବେ ଜୁନ୍ ମାସ ଶେଷସୁଦ୍ଧା ଅନେକ ଅଞ୍ଚଳରେ ଆବଶ୍ୟକ ପରିମାଣର ବର୍ଷା ହୋଇନଥିବା ଜଣାପଡିଛି ।

ବିହାରରେ ମୌସୁମୀବାୟୁ ପ୍ରଭାବରେ ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଲାଗିରହିଛି । ଜାମୁଇ, ଲଖିସାରାଇ ଏବଂ ବାଙ୍କା ଜିଲ୍ଲାରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଏଥିସହିତ ବିହାରର ଦକ୍ଷିଣ କେନ୍ଦ୍ରାଞ୍ଚଳ ପାଟ୍ନା, ଜେହାନାବାଦ, ଅରୋୱାଲ, ଗୟା, ବକ୍ସାର, ଭୋଜପୁର ଏବଂ ସଂଲଗ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବାନେଇ ପାଣିପାଗ ବିଭାଗ ଆକଳନ କରିଛି ।

ହିମାଳୟର ପାଦଦେଶରେ ପ୍ରବଳ ବର୍ଷା ଲାଗିରହିଥିବାରୁ ନେପାଳରୁ ପ୍ରବାହିତ ବିଭିନ୍ନ ନଦୀଗୁଡ଼ିକରେ ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି ।

# ଇଣ୍ଡିଆ-ଜିମ୍ବାୱେ ଟି-୨୦

୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳାରେ ଖେଳିବା ପାଇଁ ଭାରତୀୟ ଟିମ୍ ଜିମ୍ବାୱେ ଗସ୍ତ କରିବ । ଚଳିତମାସ ୬ରୁ ୧୪ ମଧ୍ୟରେ ଏହି ମ୍ୟାଚ୍‌ଗୁଡ଼ିକ ହରାରେ ସ୍ପୋର୍ଟ୍‌ସ କ୍ଲବରେ ଅନୁଷ୍ଠିତ ହେବ । ଏଥିପାଇଁ ଜିମ୍ବାୱେ ତା'ର ଟିମ୍ ସଦସ୍ୟଙ୍କ ନାମ ଘୋଷଣା କରିଛି । ଟିମ୍‌ର ବରିଷ୍ଠ ଖେଳାଳି ବ୍ୟାଟ୍ସମ୍ୟାନ୍ ସିକନ୍ଦର ରାଜା ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ ।

ଏହି ଶୃଙ୍ଖଳା ଖେଳିବାଲାଗି ଭାରତ ପକ୍ଷରୁ ୧୫ଜଣିଆ ଖେଳାଳି ତାଲିକା ଘୋଷଣା କରାଯାଇଛି । ଏହି ଶୃଙ୍ଖଳାରେ ଶୁଭମନ ଗିଲ୍ ଅଧିନାୟକ ଦାୟିତ୍ୱ ତୁଲାଉଥିବାବେଳେ ଧ୍ରୁବ୍ ଜୁରେଲ, ରିଆନ ପରାଗ, ୱାଶିଂଟନ୍ ସୁନ୍ଦର ଏବଂ ରବି ବିଷ୍ଣୋଇ ଦଳରେ ସାମିଲ ହୋଇଛନ୍ତି ।